# NATIONAL NEWS BULLETIN (ODIA)

## 16 January-2025

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନକୁ ପୁରିଲା ୯ ବର୍ଷ ।
- ଦେଶର ୭ଟି ବିମାନ ବନ୍ଦରରେ ଆଜିଠାରୁ ଆରମ୍ଭ ହେବ ଫାଷ୍ଟଟ୍ରାକ୍ ଇମିଗ୍ରେସନ୍-ଟ୍ରଷ୍ଟେଡ୍ ଟ୍ରାଭେଲର୍ କାର୍ଯ୍ୟକ୍ରମ ।
- ନୂଆଦିଲ୍ଲୀରେ ଆଜି ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ମହାକୁମ୍ଭରେ ଆୟୋଜିତ ହେଉଛି ନେତ୍ରକୁମ୍ଭ, ୧୪୦ ଜଣ ବିଶେଷଜ୍ଞ ଦେଉଛନ୍ତି ପରାମର୍ଶ ।

ଏବଂ

- ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ଆଜି କଳିଙ୍ଗ ଲାନ୍‌ସର୍ସ୍ ଓ ଏସ୍.ଜି. ପାଇପର୍ସ୍ ଏବଂ ମହିଳା ବର୍ଗରେ ବେଙ୍ଗଲ୍ ଟାଇଗର୍ସ୍ ଓ ଓଡ଼ିଶା ୱାରିୟର୍ସ୍ ମଧ୍ୟରେ ହେବ ମୁକାବିଲା ।

## ଗଭ୍-ଷ୍ଟାର୍ଟଅପ୍ ନାଇନ୍ ଇୟର୍ସ

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନକୁ ଆଜି ୯ ବର୍ଷ ପୂରଣ ହୋଇଛି । ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି – ଷ୍ଟାର୍ଟଅପ୍‌କୁ ଉତ୍ସାହିତ କରି ଦେଶରେ ଉଦ୍ଭାବନ ଏବଂ ଉଦ୍ୟୋଗ ପାଇଁ ଏକ ଶକ୍ତିଶାଳୀ ଇକୋ ସିଷ୍ଟମ୍ ନିର୍ମାଣ କରିବା ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଷ୍ଟାର୍ଟଅପ୍ ଇଣ୍ଡିଆ ପଦକ୍ଷେପ ଅନ୍ତର୍ଗତ ଚାକିରି ଖୋଜୁଥିବା ଲୋକଙ୍କ ପରିବର୍ତ୍ତେ ଦେଶରେ ନିଯୁକ୍ତି ସୃଷ୍ଟିକାରୀ ବୃଦ୍ଧି କରିବା ଉଦ୍ଦେଶ୍ୟ ରହିଛି ।

ଗତ ୯ ବର୍ଷ ମଧ୍ୟରେ ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନ ଦେଶରେ ଏକ ଦୃଢ଼ ଇକୋ ସିଷ୍ଟମ୍ ଗଠନ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଭାରତ ୧ ଲକ୍ଷ ୫୯ ହଜାରରୁ ଅଧିକ ଷ୍ଟାର୍ଟଅପ୍ ସହ ବିଶ୍ୱର ତୃତୀୟ ବୃହତମ ଇକୋ ସିଷ୍ଟମ୍ ଭାବେ ସଫଳତା ହାସଲ କରିଛି । ବିଭିନ୍ନ କ୍ଷେତ୍ରରେ ୧୬ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିଛି । ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନକୁ ସହଜ ଓ ସରଳ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ଅନେକ ଗୁଡ଼ିଏ ଯୋଜନା ଆରମ୍ଭ କରାଯାଇଛି । ସରକାର ପାଣ୍ଠି ଯୋଗାଇବା, ବଜାର ବ୍ୟବସ୍ଥା କରିବା ଏବଂ ବିଭିନ୍ନ ଅସୁବିଧାର ସମାଧାନ କରିବା ନିମନ୍ତେ ସ୍ଥାୟି ବ୍ୟବସ୍ଥା କରିଛନ୍ତି ।

## ଶାହା-ଇମିଗ୍ରେସନ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦେଶର ୭ଟି ବିମାନ ବନ୍ଦରରେ ଆଜି ଫାଷ୍ଟଟ୍ରାକ୍ ଇମିଗ୍ରେସନ-ଟ୍ରଷ୍ଟେଡ ଟ୍ରାଭେଲର୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ଏହି ବିମାନ ବନ୍ଦର ଗୁଡ଼ିକ ହେଉଛି ମୁମ୍ବାଇ, ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ, ହାଇଦ୍ରାବାଦ, କୋଚିନ ଏବଂ ଅହମ୍ମଦାବାଦ । ଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଇମିଗ୍ରେସନ୍ ସୁବିଧା ଯୋଗାଇ ଦେଇ ଆନ୍ତର୍ଜାତିକ ଭ୍ରମଣକୁ ସହଜ, ସୁଗମ ଓ ସୁରକ୍ଷିତ କରିବା ଦିଗରେ ଏହି ବ୍ୟବସ୍ଥା କାର୍ଯ୍ୟ କରିବ । ଭ୍ରମଣକାରୀମାନେ ଅନ୍‌ଲାଇନ୍ ମାଧ୍ୟମରେ ଏଥିଲାଗି ପଞ୍ଜିକରଣ କରିପାରିବେ । ଗୃହ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଆବେଦନକାରୀମାନେ **ftittp.mha.gov.in** ପୋର୍ଟାଲ୍‌ରେ ସମ୍ପୂର୍ଣ୍ଣ ବିବରଣି ଓ ଦସ୍ତାବିଜ୍ ଦାଖଲ କରିବେ । ପରେ ପଞ୍ଜିକୃତ ଆବେଦନକାରୀଙ୍କ ବାୟୋମେଟ୍ରିକ୍ ତଥ୍ୟ ବିଦେଶୀ ଆଞ୍ଚଳିକ ପଞ୍ଜିକରଣ କାର୍ଯ୍ୟାଳୟ କିମ୍ବା ବିମାନ ବନ୍ଦରରେ ସଂଗ୍ରହ କରାଯିବ ।

ପଞ୍ଜିକୃତ ଯାତ୍ରୀମାନଙ୍କୁ ଇ-ଗେଟ୍‌ରେ ସେମାନଙ୍କ ଏୟାର୍‌ଲାଇନ୍ ବୋର୍ଡିଂ ପାଶ୍ ସ୍କାନ୍ କରିବା ପରେ ପାସ୍‌ପୋର୍ଟ୍ ସ୍କାନ୍ କରିବାକୁ ପଡ଼ିବ । ଉଭୟ ଆଗମନ ଏବଂ ପ୍ରସ୍ଥାନ ସମୟରେ ଯାତ୍ରୀମାନଙ୍କ ବାୟୋମେଟ୍ରିକ୍ ତଥ୍ୟ ଇ-ଗେଟ୍‌ରେ ଯାଞ୍ଚ କରାଯିବ । ଏହି ପ୍ରମାଣିକରଣ ଥରେ ସଫଳ ହେବା ପରେ ଇ-ଗେଟ୍ ସ୍ୱତଃ ଖୋଲିବ ଏବଂ ଏହାକୁ ଇମିଗ୍ରେସନ୍ ମଞ୍ଜୁରୀ ପ୍ରଦାନ ବୋଲି ବିବେଚନା କରାଯିବ । ଦେଶର ୨୧ଟି ପ୍ରମୁଖ ବିମାନ ବନ୍ଦରରେ **FTITTP** ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ । ଗତବର୍ଷ

ଜୁନ୍‌ରେ ନୂଆଦିଲ୍ଲୀସ୍ଥିତ ଇନ୍ଦିରାଗାନ୍ଧୀ ବିମାନବନ୍ଦରର ଟର୍ମିନାଲ-୩ରେ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଥିଲା ।

## ସିଙ୍ଗାପୁର ପ୍ରେଜ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ସିଙ୍ଗାପୁର ରାଷ୍ଟ୍ରପତି ଥରମନ୍ ଶାନ୍‌ମୁଗରତ୍ନମ୍‌ଙ୍କ ସହ ସାକ୍ଷାତ କରିବେ । ରାଷ୍ଟ୍ରପତି ଭବନରେ ମଧ୍ୟ ସିଙ୍ଗାପୁର ରାଷ୍ଟ୍ରପତି ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ତାଙ୍କ ସମ୍ମାନାର୍ଥେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନୈଶ୍ୟ ଭୋଜିର ଆୟୋଜନ କରିବେ ।

ଗତକାଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସିଙ୍ଗାପୁର ରାଷ୍ଟ୍ରପତିଙ୍କ ସହ ଆସିଥିବା ପ୍ରତିନିଧିମାନଙ୍କ ସହ ବୈଠକ କରିଥିଲେ । ଏଥିରେ ସେମିକଣ୍ଡକ୍ଟର, ଶିଳ୍ପ ପାର୍କ, ଦକ୍ଷତା, ଡିଜିଟାଲାଇଜେସନ୍ ଏବଂ ବାଣିଜ୍ୟ ବିକାଶ କ୍ଷେତ୍ରରେ ଆଲୋଚନା ହୋଇଥିଲା । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଦୁଇ ଦେଶ ଦ୍ୱିପାକ୍ଷିକ ସମ୍ପର୍କର ୬୦ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତ ଉଭୟ ଦେଶ ମଧ୍ୟରେ ଥିବା ରଣନୈତିକ ଭାଗିଦାରୀକୁ ବୃଦ୍ଧି କରିବ ।

ରାଷ୍ଟ୍ରପତି ଥରମନ୍ ୫ ଦିନିଆ ଭାରତ ଗସ୍ତରେ ଆସିଛନ୍ତି । ତାଙ୍କ ସହ ମନ୍ତ୍ରୀ, ସାଂସଦ ଓ ଅଧିକାରୀଙ୍କୁ ନେଇ ଏକ ପ୍ରତିନିଧି ଦଳ ମଧ୍ୟ ଆସିଛନ୍ତି । ସିଙ୍ଗାପୁର ରାଷ୍ଟ୍ରପତି ଭାବେ ଥରମନ୍‌ଙ୍କର ଏହା ପ୍ରଥମ ଭାରତ ଗସ୍ତ । ଆସିନ୍ତାକାଲି ସିଙ୍ଗାପୁର ରାଷ୍ଟ୍ରପତି ଓଡ଼ିଶା ଗସ୍ତରେ ଆସିବେ ।

## ମହାକୁମ୍ଭ-ନେତ୍ରକୁମ୍ଭ

ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ସ୍ୱାସ୍ଥ୍ୟ ସେବା ଉପରେ ବିଶେଷ ଧ୍ୟାନ ଦିଆଯାଉଛି । ଏଥିରେ ଦୃଷ୍ଟିଶକ୍ତି ଦୁର୍ବଳତାକୁ ଦୂର କରିବା ଉଦ୍ଦେଶ୍ୟରେ ନେତ୍ରକୁମ୍ଭ ଅର୍ଥାତ୍ ଚକ୍ଷୁ ମେଳା ଆୟୋଜିତ ହେଉଛି । ଏହି କାର୍ଯ୍ୟକ୍ରମରେ ୫ ଲକ୍ଷ ଅଧିବେଶନରେ ଆୟୋଜନ କରାଯାଇ ୩ ଲକ୍ଷ ଚଷମା ବଣ୍ଟନ ଓ ୧୦ ହଜାରରୁ ଅଧିକ ପରାମର୍ଶ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି । ୧୦ ଏକର ପରିମିତ ନେତ୍ରକୁମ୍ଭରେ ୧୧ଟି ସ୍ଥାନ ରହିଛି, ଯେଉଁଠାରେ ଶ୍ରଦ୍ଧାଳୁଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି । ପଞ୍ଜିକରଣ ପରେ ୪ ଜଣ ବିଶେଷଜ୍ଞ ଏବଂ ୧୦ ଜଣ ଚକ୍ଷୁରୋଗ ବିଶେଷଜ୍ଞ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଚକ୍ଷୁ ପରୀକ୍ଷା କରୁଛନ୍ତି ।

ନେତ୍ରକୁମ୍ଭ ଆୟୋଜନ ସମିତି ସଦସ୍ୟ ଡାକ୍ତର ରଞ୍ଜନ ବାଜପେୟୀ କହିଛନ୍ତି, ନେତ୍ରକୁମ୍ଭରେ ମୋଟ୍ ୧୪୦ ଜଣ ଚକ୍ଷୁ ବିଶେଷଜ୍ଞ

ରୋଗୀମାନଙ୍କୁ ପରାମର୍ଶ ଦେଉଛନ୍ତି । ନେତ୍ରକୁମ୍ଭରେ ସମସ୍ତ ଚିକିତ୍ସା ବିନା ଶୁଳ୍କରେ ଉପଲବ୍ଧ ହେଉଛି ।

୨୦୧୯ କୁମ୍ଭ ମେଳାରେ ଏ କ୍ଷେତ୍ରରେ ମିଳିଥିବା ସଫଳତା ଲିମ୍କା ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଥିଲା । ଚଳିତ ନେତ୍ରକୁମ୍ଭ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇବ ବୋଲି ଆଶା କରାଯାଉଛି ।

## ଇସ୍ରାଏଲ୍-ହମାସ ଡିଲ୍

ଇସ୍ରାଏଲ୍ ଏବଂ ହମାସ ଅସ୍ତ୍ରବିରତି ଏବଂ ବନ୍ଧକମାନଙ୍କୁ ମୁକ୍ତ କରିବା ଲାଗି ଚୁକ୍ତି କରିଛନ୍ତି । କତାର୍ ପ୍ରଧାନମନ୍ତ୍ରୀ ମହମ୍ମଦ ବିନ୍ ଅବଦୁଲ୍ ରହେମାନ ଅଲ୍-ଥାନିଙ୍କ ସହ ବୈଠକ ପରେ ଏହି ଚୁକ୍ତି କରାଯାଇଛି । ଆସିନ୍ତା ରବିବାର ଠାରୁ ୪୨ ଦିନ ପର୍ଯ୍ୟନ୍ତ ଚୁକ୍ତି ବଳବତ୍ତର ରହିବ ।

ଗତକାଲି ଦୋହାରେ ଚୁକ୍ତି ସମ୍ପର୍କରେ ଘୋଷଣା କରି ପ୍ରଧାନମନ୍ତ୍ରୀ ଅଲ୍-ଥାନି କହିଛନ୍ତି, ଏହି ଚୁକ୍ତି ଦ୍ୱାରା ଇସ୍ରାଏଲ୍‌ର ବନ୍ଦୀମାନଙ୍କୁ ମୁକ୍ତ କରାଯିବ ଏବଂ ଗାଜାକୁ ଅଧିକ ମାନବିକ ସହାୟତା ପ୍ରଦାନ କରାଯାଇପାରିବ । ଗଣମାଧ୍ୟମ ସୂଚନା ଅନୁଯାୟୀ ଆଜି ଇସ୍ରାଏଲ୍‌ର ସୁରକ୍ଷା କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ । ହମାସ୍‌ର ଜଣେ ଅଧିକାରୀ କହିଛନ୍ତି, ଦୋହାରେ ମଧ୍ୟସ୍ଥଙ୍କ ଠାରୁ ମିଳିଥିବା ଦସ୍ତାବିଜ୍‌କୁ ସ୍ୱୀକୃତି

ପ୍ରଦାନ କରାଯାଇଛି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏହି ଚୁକ୍ତିକୁ ନିଶ୍ଚିତ କରି କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଆମେରିକୀୟ ବନ୍ଧକମାନଙ୍କୁ ମୁକ୍ତ କରାଯିବ । ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ଚୁକ୍ତିକୁ ଐତିହାସିକ ବୋଲି ବର୍ଣ୍ଣନା କରିବା ସହ ନିର୍ବାଚନରେ ତାଙ୍କ ବିଜୟ ଯୋଗୁଁ ଏହି ଚୁକ୍ତି ସମ୍ଭବ ହୋଇପାରିଛି ବୋଲି କହିଛନ୍ତି ।

ଚୁକ୍ତିରେ ଥିବା ତିନି ପର୍ଯ୍ୟାୟ ଯୋଜନା ସମ୍ପର୍କରେ ସବିଶେଷ ତଥ୍ୟ ମିଳିନଥିଲେ ମଧ୍ୟ ଅସ୍ତ୍ରବିରତିର ପ୍ରଥମ ପର୍ଯ୍ୟାୟରେ ଇସ୍ରାଏଲ୍ ଜେଲ୍‌ରେ ଥିବା ପାଲେଷ୍ଟାଇନ୍ ବନ୍ଦୀଙ୍କ ମଧ୍ୟରୁ ୩୩ ଜଣଙ୍କୁ ମୁକ୍ତ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ବନ୍ଦୀଙ୍କୁ ମୁକ୍ତ କରାଯିବାକୁ ଥିବା ବେଳେ ତୃତୀୟ ପର୍ଯ୍ୟାୟରେ ଗାଜାର ପୁନଃ ନିର୍ମାଣ ସହ ବନ୍ଦୀଙ୍କ ମୃତ ଦେହ ଫେରାଇ ଅଣାଯିବ ବୋଲି ଜଣାପଡ଼ିଛି ।

୨୦୨୩ ମସିହା ଅକ୍ଟୋବର ୭ ତାରିଖରେ ଦକ୍ଷିଣ ଇସ୍ରାଏଲ୍ ଉପରେ ଆକ୍ରମଣ ପରେ ଇସ୍ରାଏଲ୍ ସେନା ହମାସକୁ ଧ୍ୱଂସ କରିବା ଲାଗି ଅଭିଯାନ ଆରମ୍ଭ କରିଥିଲା । ଏଥିରେ ୧ ହଜାର ୨୦୦ ଜଣ ପ୍ରାଣ ହରାଇଥିଲେ ଓ ୨୫୧ ଜଣଙ୍କୁ ବନ୍ଧକ ରଖାଯାଇଥିଲା । ସେବେଠାରୁ ଚାଲିଥିବା ଆକ୍ରମଣ ଓ ପ୍ରତିଆକ୍ରମଣରେ ୪୬ ହଜାର ୭୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ହମାସ ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି । ଇସ୍ରାଏଲ୍ କହିଛି, ହମାସ ଏବେ ମଧ୍ୟ ୯୪ ଜଣଙ୍କୁ ବନ୍ଦୀ କରି

ରଖିଛି ଓ ସେମାନଙ୍କ ମଧ୍ୟରୁ ୩୪ ଜଣଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା ପ୍ରକାଶ ପାଇଛି ।

## କୋଷ୍ଟଗାର୍ଡ ରେସ୍କ୍ୟୁ

ଲାକ୍ଷାଦ୍ୱୀପର ସୁହେଲି ଦ୍ୱୀପ ନିକଟରେ ନିଖୋଜ ହୋଇଥିବା ଏକ ମାଛଧରା ଡଙ୍ଗାକୁ ଭାରତୀୟ ତଟରକ୍ଷୀ ବାହିନୀ ଉଦ୍ଧାର କରିଛି । ଏଥିରେ ମହିଳା ଓ ଶିଶୁଙ୍କ ସମେତ ଅନେକ ବ୍ୟକ୍ତି ଯାତ୍ରା କରୁଥିଲେ । ଡଙ୍ଗାଟି କାବାରାତିରୁ ସୁହେଲି ଦ୍ୱୀପକୁ ତୀର୍ଥ ଯାତ୍ରୀମାନଙ୍କୁ ନେଇ ଯାଇଥିଲା । ଲାକ୍ଷାଦ୍ୱୀପ ପ୍ରଶାସନ ପକ୍ଷରୁ ସୂଚନା ପାଇବା ପରେ ତଟରକ୍ଷୀ ବାହିନୀ ସମ୍ପୃକ୍ତ ଡଙ୍ଗାକୁ ଠାବ କରି ସମସ୍ତ ୫୪ ଜଣଙ୍କୁ ଉଦ୍ଧାର କରିଥିଲା । ସେମାନଙ୍କ ମଧ୍ୟରେ ୨୨ ଜଣ ମହିଳା, ୨୩ ଜଣ ଶିଶୁ, ୯ ଜଣ ପୁରୁଷ ଓ ତିନି ଜଣ କ୍ରୁ ମେମ୍ବର ରହିଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୯ ତାରିଖ  ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୧୮ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ

ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov  ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ଜନସାଧାରଣ ନିଜର ମତାମତ ଆସନ୍ତାକାଲି ସୁଦ୍ଧା ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ହକି

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ରେ ଚାଲିଥିବା ପୁରୁଷ ହକି ଇଣ୍ଡିଆ ଲିଗ୍‌ର ଗତକାଲିର ମ୍ୟାଚ୍‌ରେ ସ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସ ୫-୩ ଗୋଲ୍‌ରେ ୟୁ.ପି. ରୁଦ୍ରାସ୍‌କୁ ପରାସ୍ତ କରିଛି । ବେଙ୍ଗଲ ଟାଇଗର୍ସ୍ ପକ୍ଷରୁ ଗୌଥିୟର୍ ବୋକାଡ୍, ୟୁବରାଜ ସିଂହ, ସୁଖଜୀତ ସିଂହ ଏବଂ

ଅଭିଶେକ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିବା ବେଳେ ହାର୍ଦ୍ଦିକ ସିଂହ ଏବଂ ସାମ୍ ୱାର୍ଡ୍‌ଙ୍କ ମିଳତ ପ୍ରୟାସରେ ଗୋଟିଏ ଗୋଲ୍ ହୋଇଥିଲା ।

ଆଜି ସନ୍ଧ୍ୟା ୮ଟା ୧୫ ମିନିଟ୍‌ରେ କଳିଙ୍ଗ ଲାନ୍‌ର୍ସସ୍ ଓ ଏସ୍.ଜି. ପାଇପର୍ସ୍ ମଧ୍ୟରେ ମୁକାବିଲା ହେବ ।

ମହିଳା ହକି ଇଣ୍ଡିଆ ଲିଗ୍‌ରେ ରାଞ୍ଚି ସ୍ଥିତ ମାରଙ୍ଗଗୋମକେ ଜୟପାଲ୍ ସିଂହ ହକି ଷ୍ଟାଡିୟମ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ସୁରମା ହକି କ୍ଲବ୍ ୨-୧ ଗୋଲ୍‌ରେ ଓଡ଼ିଶା ୱାରିୟର୍ସ୍‌କୁ ପରାସ୍ତ କରିଛି । ଆଜି ସନ୍ଧ୍ୟା ୬ଟାରେ ସ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସ୍ ଏବଂ ଓଡ଼ିଶା ୱାରିୟର୍ସ୍ ମଧ୍ୟରେ ମୁକାବିଲା ହେବ ।